

୧୦ମ ବର୍ଷ ● ୩ୟ ସଂଖ୍ୟା ● ନଭେମ୍ବର ୨୦୨୦

**ଇତିଅପାଙ୍କ କଲମରୁ: ଓଡ଼ିଆ ଭାଗବତ କଥା:** ଯୁଧିଷ୍ଠିରଙ୍କ କାଳଭୟ
**ତୁମ ମତ:** ସ୍କୁଲ ଛୁଟି ଥିବା ସମୟରେ ତୁମେମାନେ ଘରେ କ'ଣ କରିଥାଅ ?
**ଆମ ପରମ୍ପରା:** ଦୀପରେ ଦୀପରେ ଦୀପାବଳି
**ଆସ ବୁଲିଯିବା:** ହୀରାକୁଦର ଜବାହର ଉଦ୍ୟାନ
**ବଡ଼ଲୋକଙ୍କ କଥା:** ଚାଚା ନେହେରୁ, ନିଜ କାମ ନିଜେ କର, ସତ କହିବାକୁ କିଆଁ ଡରିବି।
**ଗପ:** ପରିବା ହାଟରେ ସିନୁ, କୁନି ଚଢ଼େଇଙ୍କ ଉପବାସ, ଶିକ୍ଷା ଦଣ୍ଡଯୁକ୍ତ ନୁହେଁ ଦଣ୍ଡମୁକ୍ତ।
**କବିତା:** ପିମ୍ପୁଡ଼ି, ପିଲାଦିନ କଥା, ଫଳ, ଶୂନ ପରେ ଏକରେ।
**ଏଥିସହିତ କୁନିକୁନାଙ୍କ ପାଠଶାଳା, କବିତା ଧନ୍ଦା, ଖବର ଓ ଆହୁରି ଅନେକ ବିଭାଗ।**

### ଇତିଅପାଙ୍କ କଲମରୁ: ଓଡ଼ିଆ ଭାଗବତ କଥା: ଯୁଧିଷ୍ଠିରଙ୍କ କାଳଭୟ
**ଲେଖିକା: ଡ. ଇତି ସାମନ୍ତ**

ଘରେ ଘରେ ପରିଚିତ ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସଙ୍କ ପ୍ରସିଦ୍ଧ ଓଡ଼ିଆ ଭାଗବତର କଥାକୁ ଅତି ସହଜ ସରଳ ଭାବେ ପିଲାମାନେ ବୁଝିପାରିଲା ଭଳି ଲେଖିଛନ୍ତି ସମ୍ପାଦିକା ଡ. ଇତି ସାମନ୍ତ। ଓଡ଼ିଆ ଭାଗବତର ଉପାଦେୟ କଥାକୁ ପିଲାଙ୍କ ପାଇଁ ଅତି ଚମତ୍କାର ଭାବେ ଉପସ୍ଥାପନା କରିଛନ୍ତି ସେ। କଳିକାଳର ପ୍ରଭାବରୁ ଯୁଧିଷ୍ଠିର ତାଙ୍କର ଚାରିପାଖରେ ଘଟୁଥିବା ଅବସ୍ଥାକୁ ଦେଖି ଭୟ ଅନୁଭବ କରିଛନ୍ତି ଓ ଦ୍ୱାରକାରୁ ଫେରିଥିବା ଅର୍ଜୁନଙ୍କ ଶୁଖିଲା ମୁହଁକୁ ଦେଖି ତାଙ୍କୁ କିଭଳି ଅନେକ ପ୍ରଶ୍ନ ପଚାରିଛନ୍ତି ସେ ସବୁ କଥା ଅତି ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି ଏଥର, ଯାହାକି ଭାଗବତର ପ୍ରଥମ ସ୍କନ୍ଦର ଚତୁର୍ଦ୍ଦଶ ଅଧ୍ୟାୟରେ ରହିଛି।

### କୁନିକଥା ପରିକ୍ରମା: ମୋ ଦୃଷ୍ଟିରେ 'କୁନିକଥା'
**ଲେଖିକା: ବିଦ୍ୟୁତ୍‌ପ୍ରଭା ଗନ୍ତାୟତ**

ଅକ୍ଟୋବର ମାସର 'କୁନିକଥା'କୁ ସୁନ୍ଦର ଭାବେ ସମୀକ୍ଷା କରି ଉପସ୍ଥାପନା କରିଛନ୍ତି ଲେଖିକା।

### ତୁମ ମତ:

ସ୍କୁଲ ଛୁଟି ଥିବା ସମୟରେ ତୁମେମାନେ ଘରେ କ'ଣ କରିଥାଅ ? ଏହି ବିଷୟରେ ନିଜନିଜର ମତ ରଖିଛନ୍ତି ଆମ କୁନାକୁନିମାନେ।

### ଆମ ପରମ୍ପରା: ଦୀପରେ ଦୀପରେ ଦୀପାବଳି
**ଲେଖକ: ଅନନ୍ତ ପ୍ରଧାନ**

ଦୀପାବଳି ପର୍ବର ପୌରାଣିକ କଥା, ଐତିହାସିକ ପୃଷ୍ଠଭୂମି, କେଉଁଠି କିପରି ଭାବରେ ଏହା ପାଳନ କରାଯାଏ, ସେ ସମସ୍ତ କଥାକୁ ଅତି ସୁନ୍ଦର ଭାବେ ଏଥିରେ ବର୍ଣ୍ଣନା କରାଯାଇଛି; ଯାହାକି ସମସ୍ତଙ୍କ ପାଇଁ ନିହାତି ଜାଣିବା ଭଳିଆ ଶିକ୍ଷଣୀୟ ବିଷୟଟିଏ।

### ସ୍ମରଣୀୟ ରାଜନେତା: ମୌଲାନା ଅବୁଲ କଲାମ୍ ଆଜାଦ
**ଲେଖକ: ଅମିତାଭ ଖିଲାର**

ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ତଥା ଭାରତୀୟ ଜାତୀୟ କଂଗ୍ରେସର ସଭାପତି ଭାବେ କାର୍ଯ୍ୟ ତୁଲାଇଥିବା ବିଶିଷ୍ଟ ରାଜନେତା ସର୍ବୋପରି ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' (ମରଣୋତ୍ତର) ଲାଭ କରିଥିବା ମୌଲାନା ଅବୁଲ କଲାମ୍ ଆଜାଦଙ୍କ ପାରିବାରିକ ଓ ରାଜନୈତିକ ଜୀବନ ସମ୍ପର୍କରେ ସବିଶେଷ ବିବରଣୀ ରହିଛି ଲେଖାଟିରେ। ଲେଖାଟି ପିଲାମାନଙ୍କ ପାଇଁ ଶିକ୍ଷଣୀୟ ହୋଇଛି।

### ବଡ଼ଲୋକଙ୍କ କଥା: ଚାଚା ନେହେରୁ
**ଲେଖକ: ଦାଶ ବେନହୁର**

ପଣ୍ଡିତ ଜବାହର ନେହେରୁ କିପରି ସାରା ଭାରତର ପ୍ରିୟ ଚାଚା ନେହେରୁ ପାଲଟିଥିଲେ, ଉକ୍ତ କଥାର ଯଥାର୍ଥତା ପ୍ରତିପାଦନ କରିଛନ୍ତି ଲେଖକ।

### ବଡ଼ଲୋକଙ୍କ କଥା: ନିଜ କାମ ନିଜେ କର
**ଲେଖକ: ପ୍ରଦୋଷ ତ୍ରିପାଠୀ**

ଈଶ୍ୱରଚନ୍ଦ୍ର ବିଦ୍ୟା ସାଗର କିପରି ସମସ୍ତ ଯୁବ ସମାଜକୁ ପଥ ଦେଖାଇବା ପାଇଁ ଜଣେ ଯୁବକର ସୁଟକେଶ୍‌କୁ ବୋହି ନେଇ ଉଦାହରଣ ସୃଷ୍ଟି କରିଥିଲେ ଓ ପାଉଣା ବାବଦରେ ନିଜେ ନିଜ କାମ କରିବା ପାଇଁ ତାଙ୍କୁ ଶପଥ କରାଇଥିଲେ, ଏହାକୁ ନେଇ ଅତି ଶିକ୍ଷଣୀୟ ଗପଟିଏ।

**ବଡ଼ଲୋକଙ୍କ କଥା: ସତ କହିବାକୁ କିଆଁ ଡରିବି**
**ଲେଖିକା: ବୈଜୟନ୍ତୀ ରଥ**
ପଣ୍ଡିତ ଜବାହର ନେହେରୁଙ୍କ ପିଲାଦିନର ଏକ ସୁନ୍ଦର ଶିକ୍ଷଣୀୟ ଗପ।

**ଆସ ବୁଲିଯିବା: ହୀରାକୁଦର ଜବାହର ଉଦ୍ୟାନ**
**ଲେଖକ: ସଂଗ୍ରାମ କେଶରୀ ପୃଷ୍ଟି**
ସମ୍ବଲପୁରର ହୀରାକୁଦ ଠାରେ ଥିବା 'ଜବାହାର ଉଦ୍ୟାନ'ର ବିସ୍ତୃତ ବିବରଣୀ ସହିତ ହୀରାକୁଦ ବନ୍ଧ ସମ୍ପର୍କରେ ଅନେକ ଜାଣିବା କଥାକୁ ସୁନ୍ଦର ଭାବେ ଉପସ୍ଥାପନା କରିଛନ୍ତି ଲେଖକ।

**ଗପ: ପରିବା ହାଟରେ ସିନୁ**
**ଲେଖକ: ଶୁଭନାରାୟଣ ଶତପଥୀ**
ନୂଆକରି ପରିବା ହାଟରୁ ପରିବା କିଣିବା ପାଇଁ ଯାଇ ସିନୁ କିପରି ହଟହଟା ହୋଇଛି ଓ ଧୀରେ ଧୀରେ ଅଭ୍ୟାସଗତ ଭାବେ ଜ୍ଞାନ ଅର୍ଜନ କରି ଆତ୍ମନିର୍ଭରଶୀଳ ହୋଇପାରିଛି, ତାକୁ ନେଇ ପିଲାମାନେ ଶିଖିଲା ଭଳିଲା ସୁନ୍ଦର ଗପଟିଏ।

**ଗପ: କୁନି ଚଢ଼େଇଙ୍କ ଉପବାସ**
**ଲେଖକ: ରବିନାରାୟଣ ସାହୁ**
ନିଜେ ଉପାସ ଭୋକରେ ଥାଇ ବି ଜଣେ ଭୋକିଲା ବୁଢ଼ାକୁ ଖାଦ୍ୟ ଯୋଗାଇ ତିନୋଟି ଚଢ଼େଇ କିପରି ଖୁସି ଅନୁଭବ କରିଛନ୍ତି, ତାକୁ ନେଇ ସୁନ୍ଦର ଶିକ୍ଷଣୀୟ ଗପଟିଏ।

**ଗପ: ଶିକ୍ଷା ଦଣ୍ଡଯୁକ୍ତ ନୁହେଁ ଦଣ୍ଡମୁକ୍ତ**
**ଲେଖକ: ବିଭୂତି ଭୂଷଣ ସେନାପତି**
ପିଲାମାନଙ୍କୁ ଦଣ୍ଡଦେଇ ଜବରଦସ୍ତି ଭାବେ ମୁଖସ୍ତ କରାଇବା ଆଦର୍ଶ ଗୁରୁଙ୍କର ପାଠ୍ୟଦାନର ଶୈଳୀ ନୁହେଁ, ତେଣୁ ସରକାର ଶିକ୍ଷା ଦଣ୍ଡମୁକ୍ତ ହେବା ଉଚିତ ବୋଲି ଘୋଷଣା କରିଛନ୍ତି, ଏଭଳି ଏକ ଶିକ୍ଷଣୀୟ କଥାକୁ ନେଇ ଗପଟି ରଚନା କରାଯାଇଛି।

**କବିତା: ପିମ୍ପୁଡ଼ି**
**ଲେଖିକା: ଅନୁସୂୟା ପରିଡ଼ା**
ଅତି କ୍ଷୁଦ୍ର ଜୀବ ହେଲେ ବି ପିମ୍ପୁଡ଼ିର ସଞ୍ଚିବା ଓ ଏକତା ଆଦି ଅନେକ ଭଲ ଗୁଣ ରହିଛି, ପିଲାମାନଙ୍କ ପାଇଁ ପ୍ରେରଣାଦାୟକ ଏକ କବିତା।

**କବିତା: ପିଲାଦିନ କଥା**
**ଲେଖକ: ହଂସନାଥ ମୁଦୁଲି**
ଛୋଟ ଥିବା ବେଳେ ମା'ବାପା ତଥା ପରିବାରର ସ୍ନେହ ଆଦର କେବେ ବି ଭୁଲିବାର ନୁହେଁ, ପିଲାଦିନକୁ ନେଇ ସୁନ୍ଦର କବିତା।

**କବିତା: ଫଳ**
**ଲେଖକ: ରତିକାନ୍ତ ଦାସ**
ଗଛର ଫଳ ଠାରୁ ପରୀକ୍ଷାର ଫଳ କେତେ ମୂଲ୍ୟବାନ, ତା'ର ଏକ ସୁନ୍ଦର ବର୍ଣ୍ଣନା କରାଯାଇଛି କବିତାଟିରେ।

**କବିତା: ଶୂନ ପରେ ଏକରେ**
**ଲେଖକ: ନୀଳମଣି ଚାନ୍ଦ**
ପିଲାମାନଙ୍କ ନିମନ୍ତେ ଏକ ସୁନ୍ଦର, ଶିକ୍ଷଣୀୟ ଓ ଉଦ୍‌ବୋଧନମୂଳକ କବିତାଟିଏ।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସ୍ଥାନିତ ହୋଇଛି :**
**ରାଜ୍ୟ ଖବର:**
ଓଡ଼ିଆ ଯୁବ ବୈଜ୍ଞାନିକ ନୀଳମାଧବ, ଓଡ଼ିଶାର ଗୌରବ ଦେବଗଡ଼ ଝିଅ ମୋନା, ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାର।

**ତୁମ ପାଇଁ ଖବର:**
ନୋବେଲ ପୁରସ୍କାର-୨୦୨୦, 'ଶୌର୍ଯ୍ୟ' ଓ 'ରୁଦ୍ରମ୍' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ, ବୁଡ଼ାଜାହାଜ ବିଧ୍ୱଂସକାରୀ 'ସ୍ମାର୍ଟ', ଅଟଳ ଟନେଲ।

**ଖେଳ ଖବର:**
ମହିଳା ଟ୍ୱେଣ୍ଟି୨୦ ମାନ୍ୟତାରେ ଭାରତ ତୃତୀୟ, ୧୭ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ବାତିଲ, ଶ୍ରେଷ୍ଠ ୫ ହକି ଷ୍ଟାଡ଼ିୟମ ଭିତରେ କଳିଙ୍ଗ ଷ୍ଟାଡ଼ିୟମ।

**ଚଳଚ୍ଚିତ୍ର ଖବର:**
ବାଳୀ, ଜଙ୍ଗଲ, ପାରୋ ହେଟ୍ସ ଦେବଦାସ, ଜହ୍ନମାମୁର ଭାଣେଜୀ ତୁ, ସୋନୁ ସୁଦ୍‌ଙ୍କୁ ମିଳିଲା ଜାତିସଂଘର ସମ୍ମାନ।

**ନିୟମିତ ବିଭାଗରେ ସ୍ଥାନିତ ହୋଇଛି ଯଥା :**
**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠଶାଳା-୮୦', ଅନନ୍ତ ପ୍ରଧାନଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■